## OFFICE OF THE MUNICIPAL COUNCIL: SUNDARGARH

ସଂଖ୍ୟା: ୨୭୨୧ ତାରିଖ: ୨୪/୦୭/୨୦୨୪

### ଅଭିବ୍ୟକ୍ତି ପ୍ରକାଶନ

ଏତଦ୍ଵାରା ସୁନ୍ଦରଗଡ଼ ପୌରପରିଷଦ ର ୱାର୍ଡ଼ ନଂ ୧୪, ୦୫, ୧୮, ୧୯, ୦୧ ର ସମସ୍ତ ମିଶନ ଶକ୍ତି ଗୋଷ୍ଠୀ ଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ସୁନ୍ଦରଗଡ଼ ସହରର ବିଜୁ ପଟ୍ଟନାୟକ ଛକ ଠାରୁ ସରକାରୀ ବଡ଼ ଡାକ୍ତରଖାନା ରାସ୍ତା ର ମଧ୍ୟ ଭାଗରେ ବୃକ୍ଷରୋପଣ କାର୍ଯ୍ୟ କରିବା ନିମନ୍ତେ ମିଶନ ଶକ୍ତି ଗୋଷ୍ଠୀ ମାନଙ୍କ ଠାରୁ ଦରଖାସ୍ତ ଆହ୍ୱାନ କରାଯାଉଅଛି । ଏଥି ନିମନ୍ତେ ଆଗ୍ରହୀ ମିଶନ ଶକ୍ତି ଗୋଷ୍ଠୀ ମାନେ ଆବଶ୍ୟକୀୟ କାଗଜପତ୍ର/ ଦସ୍ତାବିଜ ସହ ତା: ୦୩.୦୮.୨୦୨୪ ରିଖ ଅପରାହ୍ନ ୪.୦୦ ଘଟିକା ସମୟସୁଦ୍ଧା ରେଜିଷ୍ଟ୍ରି ପୋଷ୍ଟ ମାଧ୍ୟମରେ କିମ୍ବା ପୌରପରିଷଦ ର ଆବେଦନ ପତ୍ର ଦାଖଲ ପାଇଁ ଉଦ୍ଦିଷ୍ଟ ଥିବା ବାକ୍ସରେ ସିଧାସଳଖ ଭାବରେ ଦରଖାସ୍ତ ସହ ନିମ୍ନ ଲିଖିତ ଦରକାରୀ ଦସ୍ତାବିଜ ସହିତ ପୌରସଂସ୍ଥା ରେ ଦାଖଲ କରନ୍ତୁ । ଧାର୍ଯ୍ୟ ସମୟ ପରେ କୌଣସି ଆବେଦନ ପତ୍ର ଗ୍ରହଣ କରାଯିବ ନାହିଁ ଏବଂ ତା:୦୩.୦୮.୨୦୨୪ ରିଖ ଅପରାହ୍ନ ୪.୩୦ ଘଟିକା ରେ ମିଶନ ଶକ୍ତି ଗୋଷ୍ଠୀ କିମ୍ବା ସେମାନଙ୍କର ପ୍ରତିନିଧି ଙ୍କ ଉପସ୍ଥିତିରେ ସୁନ୍ଦରଗଡ଼ ପୌରପରିଷଦର ସଭା ଗୃହରେ ଟେଣ୍ଡର ବାକ୍ସ ଖୋଲାଯିବା ପାଇଁ ସ୍ଥିର କରା ଯାଇଅଛି । ଆଗ୍ରହୀ ମିଶନ ଶକ୍ତି ଗୋଷ୍ଠୀ ଏହି ଅଭିବ୍ୟକ୍ତି ପ୍ରକାଶନ ସହ ଜଡ଼ିତ ଆବେଦନ ପତ୍ର ସୁନ୍ଦରଗଡ଼ ଜିଲ୍ଲା ୱେବ ସାଇଟ www.sundargarh.nic.in ରୁ ମଧ୍ୟ ଡାଉନଲୋଡ କରିପାରିବେ । ଲଫାପା ଉପରେ ୱାର୍ଡ଼ ନଂ ୧୪, ୦୫, ୧୮, ୧୯, ୦୧ ର ସୁନ୍ଦରଗଡ଼ ସହରର ବିଜୁ ପଟ୍ଟନାୟକ ଛକ ଠାରୁ ସରକାରୀ ବଡ଼ ଡାକ୍ତରଖାନା ରାସ୍ତା ର ମଧ୍ୟ ଭାଗରେ ବୃକ୍ଷରୋପଣ କାର୍ଯ୍ୟ କରିବା ନିମନ୍ତେ ଲେଖା ଥିବା ଆବଶ୍ୟକ ଏବଂ ନିର୍ବାହୀ ଅଧିକାରୀ, ସୁନ୍ଦରଗଡ଼ ପୌରପାଳିକା, ସୁନ୍ଦରଗଡ଼ ଠିକଣା ରେ ଦାଖଲ ହେବା ଆବଶ୍ୟକ । ଅଧିକ ଜାଣିବା ପାଇଁ ସୁନ୍ଦରଗଡ଼ ପୌରପରିଷଦ କାର୍ଯ୍ୟାଳୟ ସହ ଯୋଗାଯୋଗ କରି ପାରନ୍ତି ।

<u>ଦରଖାସ୍ତ ସହିତ ପ୍ରମାଣ ପତ୍ର:</u>

୧) ମିଶନ ଶକ୍ତି ଗୋଷ୍ଠୀ ଗଠନ ଅଧିବେଶନ ର ଫଟୋକପି ।

୨) ବ୍ୟାଙ୍କ ଖାତାର ପ୍ରଥମ ଓ ଶେଷ ପୃଷ୍ଠା ର ନକଲ ।

୩) କାର୍ଯ୍ୟ କରିବା ନିମନ୍ତେ ମିଶନ ଶକ୍ତି ଗୋଷ୍ଠୀ ଦ୍ୱାରା ପାସ ହୋଇଥିବା ଅଧିବେଶନ ର ଫଟୋକପିଁ ।

୪) ମିଶନ ଶକ୍ତି ଗୋଷ୍ଠୀ କ୍ୟାଶବୁକ ର ଫଟୋକପି ।

୫) ସଭାପତି ଓ ସମ୍ପାଦିକାଙ୍କ ଆଧାର କାର୍ଡ଼ ର ନକଲ ।

୬) ପାନ (PAN) କାର୍ଡ଼ ର ନକଲ ।

୭) ମିଶନ ଶକ୍ତି ଗୋଷ୍ଠୀ ର ଶେଷ ୧ ବର୍ଷର ଅଧିବେଶନ ର ଫଟୋକପି ।

୮) ଘୋଷଣା ପତ୍ର ରେ ଦସ୍ତଖତ କରି ଦାଖଲ ।

ନିର୍ବାହୀ ଅଧିକାରୀ,
ସୁନ୍ଦରଗଡ଼ ପୌରପାଳିକା, ସୁନ୍ଦରଗଡ଼

ଜ୍ଞାପକ ସଂଖ୍ୟା: ୨୭୩୫ /ତାରିଖ: ୨୫/୦୭/୨୦୨୫

ଏହାର ଏକକିତା ନକଲ ପ୍ରକଳ୍ପ ନିର୍ଦ୍ଦେଶିକା, ଜିଲ୍ଲା ସହରାଞ୍ଚଳ ଉନ୍ନୟନ ସଂସ୍ଥା ସୁନ୍ଦରଗଡ଼ ବିହିତ ଅବଗତି ଓ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ନିର୍ବାହୀ ଅଧିକାରୀ
ସୁନ୍ଦରଗଡ଼ ପୌରପାଳିକା, ସୁନ୍ଦରଗଡ଼

## ଆବେଦନ ପତ୍ର

**ମିଶନ ଶକ୍ତି ଗୋଷ୍ଠୀଙ୍କ :-**

୧. ମିଶନ ଶକ୍ତି ଗୋଷ୍ଠୀ ର ନାମ ।
୨. ମିଶନ ଶକ୍ତି ଗୋଷ୍ଠୀ ର ସଭାପତି ଓ ସମ୍ପାଦିକା ଙ୍କ ନାମ ।
୩. ମିଶନ ଶକ୍ତି ଗୋଷ୍ଠୀ ର ସଭାପତି ଓ ସମ୍ପାଦିକା ଙ୍କ ମୋବାଇଲ ନଂ।
୪. ମିଶନ ଶକ୍ତି ଗୋଷ୍ଠୀ ର ସଦସ୍ୟା ଙ୍କ ସଂଖ୍ୟା ।
୫. ମିଶନ ଶକ୍ତି ଗୋଷ୍ଠୀ ର ଠିକଣା ଓ ୱାର୍ଡ଼ ନଂ ।
୬. ମିଶନ ଶକ୍ତି ଗୋଷ୍ଠୀ ର ପଞ୍ଜୀକରଣ ନଂ।
୭. ମିଶନ ଶକ୍ତି ଗୋଷ୍ଠୀ ର ବ୍ୟାଙ୍କ ଖାତା ର ନଂ।
୮. ମିଶନ ଶକ୍ତି ଗୋଷ୍ଠୀ ର ସଞ୍ଚୟ ଖାତା ର ନଂ।
୯. ମିଶନ ଶକ୍ତି ଗୋଷ୍ଠୀ ର PAN କାର୍ଡ଼ ର ନଂ।
୧୦. ପଞ୍ଚସୂତ୍ର ନିୟମାବଳୀ ପାଳନ କରୁଛନ୍ତି କି ?

ସଭାପତି/ସମ୍ପାଦିକାଙ୍କ ଦସ୍ତଖତ

ଜ୍ଞାପକ ସଂଖ୍ୟା: 2730 /ତାରିଖ: 24/07/2024

ଏହାର ଏକକିତା ନକଲ ପୌରାଧକ୍ଷା/ଉପପୌରାଧକ୍ଷ, ସଭ୍ୟ ୱାର୍ଡ଼ ନଂ ୧୪, ୦୫, ୧୮, ୧୯, ୦୧, ସୁନ୍ଦରଗଡ଼ ପୌରପାଳିକାଙ୍କ ବିହିତ ଅବଗତି ଓ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ନିର୍ବାହୀ ଅଧିକାରୀ,
ସୁନ୍ଦରଗଡ଼ ପୌରପାଳିକା, ସୁନ୍ଦରଗଡ଼

ଜ୍ଞାପକ ସଂଖ୍ୟା: 2731 /ତାରିଖ: 24/07/2024

ଏହାର ଏକକିତା ନକଲ ଶିଶୁ ବିକାଶ ଯୋଜନା ଅଧିକାରୀ, ସୁନ୍ଦରଗଡ଼ ପୌରପାଳିକାଙ୍କ ବିହିତ ଅବଗତି ଓ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ନିର୍ବାହୀ ଅଧିକାରୀ,
ସୁନ୍ଦରଗଡ଼ ପୌରପାଳିକା, ସୁନ୍ଦରଗଡ଼

ଜ୍ଞାପକ ସଂଖ୍ୟା: 2732 /ତାରିଖ: 24/07/2024

ଏହାର ଏକଁକିତା ନକଲ ୧୪, ୦୫, ୧୮, ୧୯, ୦୧, ନଂ ୱାର୍ଡ଼ ର ୱାର୍ଡ଼ ଅଧିକାରୀ, ସିଏମଏମ, ସୁନ୍ଦରଗଡ଼ ପୌରପାଳିକାଙ୍କ ବିହିତ ଅବଗତି ଓ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।ଏହାର ଏକକିତା ନକଲ ଅଫିସ ନୋଟିସ ବୋର୍ଡ଼ ରେ ସମସ୍ତଙ୍କ ଅବଗତି ନିମନ୍ତେ ଲଗାଇ ଦିଆଗଲା ।

ନିର୍ବାହୀ ଅଧିକାରୀ,
ସୁନ୍ଦରଗଡ଼ ପୌରପାଳିକା, ସୁନ୍ଦରଗଡ଼

ଜ୍ଞାପକ ସଂଖ୍ୟା: 2733 /ତାରିଖ: 24/07/2024

ଏହାର ଏକକିତା ନକଲ ଜିଲ୍ଲା ସୂଚନା ଅଧିକାରୀ, ସୁନ୍ଦରଗଡ଼ ଙ୍କୁ ଜିଲ୍ଲା ୱେବସାଇଟରେ ଅପଲୋଡ କରିବା ନିମନ୍ତେ ପ୍ରେରଣ କରାଗଲା ।

ନିର୍ବାହୀ ଅଧିକାରୀ,
ସୁନ୍ଦରଗଡ଼ ପୌରପାଳିକା, ସୁନ୍ଦରଗଡ଼

## ମିଶନ ଶକ୍ତି ଗୋଷ୍ଠୀ ର ଯୋଗ୍ୟତା ପରିମାପକ ମାନଦଣ୍ଡ:-

୧. ଆବେଦନ କରୁଥିବା ମିଶନ ଶକ୍ତି ଗୋଷ୍ଠୀ ସମ୍ପୃକ୍ତ ୱାର୍ଡ଼ ର ହୋଇଥିବେ ।

୨. ପଞ୍ଚସୂତ୍ର ନିୟମ କୁ ଅନୁପାଳନ କରୁଥିବେ (ନିୟମିତ ବୈଠକ, ନିୟମିତ ସଞ୍ଚୟ, ନିୟମିତ ଗୋଷ୍ଠୀ ମଧ୍ୟରେ ଋଣ କାରବାର, ନିୟମିତ ପରିଶୋଧ, ନିୟମିତ ହିସାବ ରଖିବା ଇତ୍ୟାଦି) ।

୩. ମିଶନ ଶକ୍ତି ଗୋଷ୍ଠୀ ର PAN କାର୍ଡ଼ ଥିବା ଆବଶ୍ୟକ ।

୪. ମିଶନ ଶକ୍ତି ଗୋଷ୍ଠୀ ର ଜମାଖାତା ସକ୍ରିୟ ଥିବା ଆବଶ୍ୟକ ।

୫. ମିଶନ ଶକ୍ତି ଗୋଷ୍ଠୀ ର ପଞ୍ଜୀକରଣ ଅଭିବ୍ୟକ୍ତି ପ୍ରକାଶନ ର ତାରିଖ ପୂର୍ବରୁ ଏକ ବର୍ଷ ହୋଇଥିବା ଆବଶ୍ୟକ ।

**ବିଶେଷ ଦ୍ରଷ୍ଟବ୍ୟ :-**

ଯେଉଁ ମିଶନ ଶକ୍ତି ଗୋଷ୍ଠୀ ସୁନ୍ଦରଗଡ଼ ପୌରପାଳିକାର ସ୍ଥାୟୀ କାର୍ଯ୍ୟରେ ଯଥା ଆହାର – FSTP, MCC, MRF,ଇତ୍ୟାଦିରେ ସମ୍ପୃକ୍ତ ହୋଇ ନଥିବେ, ସେହି ମିଶନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀ କୁ ପ୍ରଥମେ ପ୍ରାଧାନ୍ୟ ଦିଆଯିବ ।

## ଦରକାରୀ ଦସ୍ତାବୀଜ :-

୧. ମିଶନ ଶକ୍ତି ଗୋଷ୍ଠୀ ର PAN କାର୍ଡ଼ ର ନକଲ ।

୨. ମିଶନ ଶକ୍ତି ଗୋଷ୍ଠୀ ର ବିଗତ ୧ ବର୍ଷ ର ବ୍ୟାଙ୍କ ଷ୍ଟେଟମେଣ୍ଟ ର ନକଲ ।

୩. ମିଶନ ଶକ୍ତି ଗୋଷ୍ଠୀ ମଧ୍ୟରେ ଋଣର ଆଦାନ ପ୍ରଦାନ (Internal Lending) କରିଥିବା ଖାତାର ନକଲ ।

୪. ମିଶନ ଶକ୍ତି ଗୋଷ୍ଠୀ ର ବିଗତ ୧ବର୍ଷ ର କ୍ୟାଶବୁକ ର ଫଟୋ ନକଲ ।

୫ .ମିଶନ ଶକ୍ତି ଗୋଷ୍ଠୀ ର ବିଗତ ୧ ବର୍ଷ ର ବୈଠକର Resolution ର ଫଟୋ ନକଲ ।

୬ . ମିଶନ ଶକ୍ତି ଗୋଷ୍ଠୀ ର କୌଣସି ଋଣ ଖିଲାପ କରି ନଥିବେ ବୋଲି ଏକ ଲିଖିତ ଘୋଷଣାନାମା ଦାଖଲ କରିବେ ।

୭. ମିଶନଶକ୍ତି ଗୋଷ୍ଠୀର କୌଣସି ଅସାମାଜିକ କାର୍ଯ୍ୟକଳାପରେ ଲିପ୍ତ ହୋଇ ନଥିବାର ଏକ ଲିଖିତ ଘୋଷଣାନାମା ଦାଖଲ କରିବେ ।

୮. ମିଶନ ଶକ୍ତି ଗୋଷ୍ଠୀ ଙ୍କ ରେଜିଷ୍ଟ୍ରେସନ ନକଲ ।

ନିର୍ବାହୀ ଅଧିକାରୀ,
ସୁନ୍ଦରଗଡ଼ ପୌରପାଳିକା, ସୁନ୍ଦରଗଡ଼